## ପାଠ - ୧୯

# ସମୟର ମାପ


କିଛି ଦିନ ପରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ହେବ । ଶିକ୍ଷକ ଓ ପିଲାମାନେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ । ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି । ପିଲାମାନେ ଗୀତ, ନାଚ, ରଚନା, ଡ୍ରଇଁ, ଗଣିତ କୁଇଜ୍ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ଗଣିତ କୁଇଜ୍ ପ୍ରତିଯୋଗିତାରେ ପଚରା ଯାଇଥିବା ପ୍ରଶ୍ନରୁ କିଛି ପ୍ରଶ୍ନ ତଳେ ଦିଆଯାଇଛି । ତୁମେ ପ୍ରଶ୍ନଗୁଡ଼ିକୁ ପଢ଼ ଓ ଉତ୍ତରକୁ ଖାଲି ସ୍ଥାନରେ ଲେଖ ।

୧. ଅପରାହ୍ନ ୩ଟା ୨୦ମିନିଟ୍‌କୁ ଟ୍ରେନ୍ ସମୟରେ ପ୍ରକାଶ କରି ଲେଖ । ______

୨. ୨ଘଣ୍ଟା ୨୫ ମିନିଟ୍ = ______ ମିନିଟ୍

୩. ୯pm ରୁ ୯am ମଧ୍ୟରେ ସମୟର ଅବଧି କେତେ ? ______

୪. ପାର୍ଶ୍ୱସ୍ଥ ଘଣ୍ଟାରେ କେତେ ସମୟ ହୋଇଛି ? ______




୫. ୨୦୦୪ ମସିହାର ଫେବୃଆରୀ ମାସ ଶେଷ ଦିନ କେତେ ତାରିଖରେ ପଡ଼ିଥିଲା ? ______

୬. ୨୦୧୦ ମସିହା ଅଗଷ୍ଟ ୧୮ ତାରିଖର ୩ଦିନ ପୂର୍ବରୁ ଥିବା ଦିନର ତାରିଖକୁ ସଂକ୍ଷେପରେ ଲେଖ । ______

୭. ୨୦୦୮ ମସିହାର ଦିନ ସଂଖ୍ୟା କେତେ ? ______

୮. ଅଧିବର୍ଷରେ ବର୍ଷକ କେତେ ଦିନ ହୁଏ ? ______

୯. ଗୋଟିଏ ମାସରେ କେତୋଟି ପୂର୍ଣ୍ଣ ସପ୍ତାହ ଥାଏ ? ______

୧୦. ଏକକ ପରୀକ୍ଷଣ ୨୭.୦୧.୨୦୦୮ରିଖରେ ଆରମ୍ଭ ହୋଇ ତା. ୦୧.୦୨.୨୦୦୮ରିଖରେ ହେଲା । ମୋଟ କେତେ ଦିନ ପରୀକ୍ଷା ହେଲା ? ______

ଏହିପରି ପ୍ରଶ୍ନର ଉତ୍ତର କରିବା ତୁମେ ପୂର୍ବ ଶ୍ରେଣୀରେ ପଢ଼ିଥିଲ । ତଳେ ଦିଆଯାଇଥିବା ଲେଖା ମଧ୍ୟରେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଅଛି । ଲେଖାଟିକୁ ପଢ଼ ଓ କେତୋଟି ପ୍ରଶ୍ନର ଉତ୍ତର ଠିକ୍ ହେଲା ଲେଖ ।

ବିଭିନ୍ନ କାର୍ଯ୍ୟାଳୟ, କଳକାରଖାନା ଓ ଆନ୍ତର୍ଜାତିକ ସ୍ତରରେ ତାରିଖ ଗଣନା କରିବା ଲାଗି ରାତି ୧୨ଟା ଠାରୁ ଆରମ୍ଭ ହୋଇ ପରବର୍ତ୍ତୀ ରାତି ୧୨ଟା ପୂର୍ବ ପର୍ଯ୍ୟନ୍ତ ସମୟ ଅବଧିକୁ ଗୋଟିଏ **ଦିବସ** ରୂପେ ଗ୍ରହଣ କରାଯାଏ ।

- ରାତି ୧୨ଟା ପରଠାରୁ ଦିନ ୧୨ଟା ପୂର୍ବ ପର୍ଯ୍ୟନ୍ତ ସମୟକୁ **ପୂର୍ବାହ୍ଣ** ଓ ଦିନ ୧୨ଟା ପରଠାରୁ ରାତି ୧୨ଟା ପୂର୍ବ ପର୍ଯ୍ୟନ୍ତ ସମୟକୁ **ଅପରାହ୍ଣ** କୁହାଯାଏ ।
- ଦିନ ୧୨ଟା ସମୟକୁ ମଧ୍ୟାହ୍ନ ୧୨ଟା ଓ ରାତି ୧୨ଟା ସମୟକୁ ମଧ୍ୟରାତ୍ରି ୧୨ଟା କୁହାଯାଏ । ଆନ୍ତର୍ଜାତିକ ସ୍ତରରେ ୧୨ noon ଓ ୧୨ midnight ବୋଲି କୁହାଯାଏ ।
- ଆନ୍ତର୍ଜାତିକ ସ୍ତରରେ ପୂର୍ବାହ୍ଣ ସମୟକୁ am ସଙ୍କେତଦ୍ୱାରା ସୂଚିତ କରାଯାଏ ଓ ଅପରାହ୍ଣ ସମୟକୁ pm ସଙ୍କେତଦ୍ୱାରା ସୂଚିତ କରାଯାଏ । ଯଥା :- ପୂର୍ବାହ୍ଣ ୭ଟାକୁ ୭am, ପୂର୍ବାହ୍ଣ ୧୧ଟାକୁ ୧୧am, ପୂର୍ବାହ୍ଣ ୩ଟା ୩୦କୁ ୩.୩୦ am ଲେଖାଯାଏ । ସେହିପରି ଦିନ ୧୨ଟା ପରଠାରୁ ରାତି ୧୨ଟା ପୂର୍ବ ପର୍ଯ୍ୟନ୍ତ ସମୟ ମଧ୍ୟରୁ କୌଣସି ନିର୍ଦ୍ଦିଷ୍ଟ ସମୟ ଲେଖିଲାବେଳେ ତାହାର ଡାହାଣରେ pm ଲେଖାଯାଏ । ଯଥା- ଅପରାହ୍ଣ ୨ଟାକୁ ୨ pm ।

ବସ୍, ରେଳ, ବିମାନ ଚଳାଚଳ, ଡ଼ାକ ତାର କାର୍ଯ୍ୟାଳୟ ମାନଙ୍କରେ ବ୍ୟବହୃତ ୨୪ଘଣ୍ଟିଆ ସମୟ ସମ୍ବନ୍ଧରେ ଆମେ ପୂର୍ବ ଶ୍ରେଣୀରେ ଜାଣିଛନ୍ତି । ଆସ, ସେଗୁଡ଼ିକୁ ମନେ ପକାଇବା ।

- ମଧ୍ୟରାତ୍ର ୧୨ଟା ପରଠାରୁ ପରବର୍ତ୍ତୀ ମଧ୍ୟରାତ୍ର ପର୍ଯ୍ୟନ୍ତ ସମୟକୁ ଗୋଟିଏ **ଦିବସ** କୁହାଯାଏ ଏବଂ ୨୪ଘଣ୍ଟା ସମୟକୁ ୧,୨,୩........୨୪ ପର୍ଯ୍ୟନ୍ତ ସଂଖ୍ୟାଦ୍ୱାରା ସୂଚିତ କରାଯାଏ । ଅବଶ୍ୟ ୨୪ ଘଣ୍ଟା ସୂଚାଉଥିବା ସମୟକୁ ୦୦ ଘଣ୍ଟା ମଧ୍ୟ କୁହାଯାଏ । ଘଣ୍ଟା ସୂଚାଇବା ଲାଗି ଦୁଇଟି ଅଙ୍କ ଓ ମିନିଟ୍ ସୂଚାଇବା ଲାଗି ଦୁଇଟି ଅଙ୍କ ବ୍ୟବହାର କରାଯାଏ ।
- ମଧ୍ୟରାତ୍ରି ୧୨ ପରେ ୧୦ମିନିଟ୍ ଅତିବାହିତ ହୋଇଥିଲେ ସମୟକୁ ''୦୦.୧୦ଘଣ୍ଟା'' ସଂଖ୍ୟା ଦ୍ୱାରା ସୂଚିତ କରାଯାଏ । ମାତ୍ର ଦିନ ୧୨ ପରେ ୧୦ମିନିଟ୍ ଅତିବାହିତ ହୋଇଥିଲେ ସମୟକୁ ''୧୨.୧୦ଘଣ୍ଟା'' ସଂଖ୍ୟା ଦ୍ୱାରା ସୂଚିତ କରାଯାଏ । ଏଥିରେ am ଓ pm ର ବ୍ୟବହାର କରାଯାଏ ନାହିଁ । ଉଦାହରଣ :- ୨am କୁ ୦୨.୦୦ ଘଣ୍ଟା, ୮.୧୫am କୁ ୦୮.୧୫ ଘଣ୍ଟା, ୧ pm କୁ ୧୩.୦୦ ଘଣ୍ଟା, ୯.୧୫pm କୁ ୨୧.୧୫ ଘଣ୍ଟା ଓ ୧୨ ମଧ୍ୟରାତ୍ରିକୁ ୨୪.୦୦ ଘଣ୍ଟା ବା ୦୦.୦୦ ଘଣ୍ଟା ଲେଖାଯାଏ ।

୧. ନିମ୍ନରେ ୧୨ଘଣ୍ଟିଆ ସମୟ ଓ ୨୪ ଘଣ୍ଟିଆ ସମୟ ହିସାବରେ ସାରଣୀ ଦିଆଯାଇଛି । ଆସ, ତାକୁ ପଢ଼ି ଖାଲି ଘରେ ଉତ୍ତର ଲେଖିବା ।

| ୧୨ ଘଣ୍ଟିଆ ଦିନର ସମୟ ହିସାବ | ୨୪ ଘଣ୍ଟିଆ ଦିନର ସମୟ ହିସାବ |
|---|---|
| ୨am | ୦୨.୦୦ ଘଣ୍ଟା |
| ୩.୨୦am | |
| ୧୧.୧୫am | |
| ୧୨ ମଧ୍ୟାହ୍ନ | |
| ୧୨.୩୫ pm | |
| ୧୦.୫୫pm | |
| ୧୨ ମଧ୍ୟ ରାତ୍ରି | |

ତଳେ ଦିଆଯାଇଥିବା ୨୪ଘଣ୍ଟିଆ ଦିନର ବିଭିନ୍ନ ସମୟକୁ ଘଣ୍ଟାର ସମୟରେ ଲେଖ।

| **୨୪ଘଣ୍ଟିଆ ଦିନର ସମୟ** | **୧୨ ଘଣ୍ଟିଆ ଦିନର ସମୟ** (am ଓ pm ବ୍ୟବହାର କରି ଲେଖ) |
|---|---|
| ୧୦.୧୦ଘଣ୍ଟା | ୧୦.୧୦ am |
| ୨୦.୧୫ ଘଣ୍ଟା | |
| ୧୯.୧୭ ଘଣ୍ଟା | |
| ୦୩.୪୫ ଘଣ୍ଟା | |
| ୧୪.୩୦ ଘଣ୍ଟା | |
| ୨୧.୫୦ ଘଣ୍ଟା | |
| ୧୨.୧୦ ଘଣ୍ଟା | |
| ୦୦.୦୦ ଘଣ୍ଟା | |

ଆସ, ଏସବୁର ବ୍ୟବହାର ବିଷୟରେ ଜାଣିବା :



**ଉଦାହରଣ – ୧**

ଧବଳବାବୁ ପ୍ରତ୍ୟେକ ଦିନ ୫.୪୦am ରେ ସକାଳ ଚାଲିବା ଆରମ୍ଭ କରି ୬.୪୫ am ରେ ଶେଷ କରନ୍ତି। ସେ କେତେ ସମୟ ପାଇଁ ପ୍ରତିଦିନ ସକାଳେ ଚାଲନ୍ତି ?

**ସମାଧାନ :**

**ପ୍ରଥମ ପ୍ରଣାଳୀ**

୫.୪୦ am ପରେ ଆଉ ୨୦ ମିନିଟ୍ ଅତିବାହିତ ହେଲେ ୬.୦୦ am ହେବ ଏବଂ ୬.୦୦ am ପରେ ଆଉ ୪୫ମିନିଟ୍ ଅତିବାହିତ ହେଲେ ୬.୪୫am ହେବ।

ଆରମ୍ଭ ୫.୪୦am $\xrightarrow{\text{୨୦ ମିନିଟ୍}}$ ୬.୦୦am $\xrightarrow{\text{୪୫ ମିନିଟ୍}}$ ୬.୪୫am ଶେଷ

ଏଣୁ ୫.୪୦ ପରେ ମୋଟ ୨୦ ମିନିଟ୍ + ୪୫ ମିନିଟ୍ = ୬୫ ମିନିଟ

୧ଘଣ୍ଟା ୦୫ ମିନିଟ୍ ସମୟ ଅତିବାହିତ ହେଲେ ୬.୪୫ am ହେବ।

**ଦ୍ୱିତୀୟ ପ୍ରଣାଳୀ**

| | | |
|---|---|---|
| ଚାଲିବା ଶେଷ ହେବା ସମୟ | | ୬.୪୫ am |
| ଚାଲିବା ଆରମ୍ଭ ହେବା ସମୟ | (–) | ୫.୪୦ am |
| ଚାଲିବା ସମୟ | | ଘ. ୧.୦୫ ମିନିଟ୍ |

∴ ସେ ୧ଘ. ୦୫ ମିନିଟ୍ ସମୟ ପାଇଁ ପ୍ରତିଦିନ ସକାଳେ ଚାଲନ୍ତି।

ଲକ୍ଷ୍ୟକର, ଦୁଇଟି ପ୍ରଣାଳୀରେ ପ୍ରଶ୍ନଟିର ସମାଧାନ କରାଯାଇଛି ।

- ସେଥିରେ କ'ଣ ଭିନ୍ନତା ଅଛି ?
- ତୁମକୁ କେଉଁ ପ୍ରଣାଳୀଟି ପସନ୍ଦ ଲଗୁଛି ?

**ଉଦାହରଣ : ୨**

ତୁମ ବାପା ସମ୍ବଲପୁରରୁ ୬.୩୦am ରେ ବସ୍‌ରେ ଚଢ଼ି ସେହିଦିନ ୪.୪୦pm ରେ କେନ୍ଦୁଝରରେ ପହଞ୍ଚିଲେ । କେନ୍ଦୁଝରରେ ପହଞ୍ଚିବାକୁ ତାଙ୍କୁ କେତେ ସମୟ ଲାଗିଲା ?

**ସମାଧାନ :**

**ପ୍ରଥମ ପ୍ରଣାଳୀ**

୬.୩୦ am ପରେ ମଧ୍ୟାହ୍ନ ୧୨ ହେବ, ପୁଣି ମଧ୍ୟାହ୍ନ ପରେ ୪.୪୦pm ହେବ ।

୬.୩୦ am ରୁ ମଧ୍ୟାହ୍ନ ୧୨.୦୦ ଟା ପର୍ଯ୍ୟନ୍ତ ସମୟ ପରିମାଣ =

| | |
|---|---|
| ୧୨ ଘ. ୦୦ ମି. | ୧୧ଘ. ୬୦ ମି. |
| (−) ୬ଘ. ୩୦ମି. ବା | (−) ୬ ଘ. ୩୦ ମି. |
| | ୫ ଘ. ୩୦ ମି. |

ଘଣ୍ଟା ଘରୁ ୧ ଘଣ୍ଟା ଅଣାଗଲା । ମିନିଟ୍ ଘରେ ୬୦ ମିନିଟ୍ ଲେଖିଗଲା ଏବଂ ଘଣ୍ଟା ଘରେ ୧୧ ଘଣ୍ଟା ରହିଲା

ପୁଣି ମଧ୍ୟାହ୍ନ ୧୨ଟା ଠାରୁ ୪.୪୦ pm ପର୍ଯ୍ୟନ୍ତ ସମୟ ପରିମାଣ = ୪ ଘ. ୪୦ ମିନିଟ୍.

ଅର୍ଥାତ୍ ମୋଟ ସମୟ ପରିମାଣ = ୫ ଘ. ୩୦ ମି.

\+ ୪ ଘ. ୪୦ ମି.

୯ ଘ. ୭୦ମି. = ୯ଘ. + ୧ଘ. ୧୦ମି. = ୧୦ ଘ. ୧୦ମିନିଟ୍

∴ କେନ୍ଦୁଝରରେ ପହଞ୍ଚିବାକୁ ତାଙ୍କୁ ୧୦ଘଣ୍ଟା ୧୦ମିନିଟ୍ ସମୟ ଲାଗିଲା ।

**ଦ୍ୱିତୀୟ ପ୍ରଣାଳୀ**

କେନ୍ଦୁଝରରେ ପହଞ୍ଚିଲେ = ୪.୪୦pm ବା ୧୬.୪୦ ଘଣ୍ଟା

ସମ୍ବଲପୁରରୁ ବାହାରିଲେ = ୬.୩୦pm ବା ୬.୩୦ ଘଣ୍ଟା

କେନ୍ଦୁଝରରେ ପହଞ୍ଚିବାକୁ ସମୟ = ୧୦.୧୦ ଘଣ୍ଟା

∴ କେନ୍ଦୁଝରରେ ପହଞ୍ଚିବାକୁ ତାଙ୍କୁ ୧୦ ଘ. ୧୦ ମିନିଟ୍ ଲାଗିଲା ।

ଭାବି କହ ? ୨୪ ଘଣ୍ଟିଆ ସମୟ ହିସାବ ବହୁତ ସୁବିଧା । କାରଣ କହ ?

**ଉଦାହରଣ : - ୩**

ବିଦ୍ୟାଳୟରେ ୧୦pm ରେ କାର୍ଯ୍ୟ ଆରମ୍ଭ ହୋଇ ୪pm ରେ କାର୍ଯ୍ୟ ଶେଷ ହୁଏ । ଏହା ମଧ୍ୟରେ ୪୦ ମିନିଟ୍ ମଧ୍ୟାହ୍ନ ଭୋଜନ ବିରତି ହୁଏ । ତେବେ ବିଦ୍ୟାଳୟରେ କେତେ ସମୟ ପାଇଁ ପଢ଼ା କାର୍ଯ୍ୟ ହୁଏ ?

**ସମାଧାନ :**

**ପ୍ରଥମ ପ୍ରଣାଳୀ :**

ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ ହୁଏ ୧୦am ରେ

୧୦ am ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ସମୟ ପରିମାଣ = ୨ ଘଣ୍ଟା

ମଧ୍ୟାହ୍ନ ୧୨ଠାରୁ ୪ pmସମୟ ପରିମାଣ = ୪ଘଣ୍ଟା

ମୋଟ ସ୍କୁଲ ସମୟ ପରିମାଣ = ୨ ଘଣ୍ଟା + ୪ଘଣ୍ଟା = ୬ ଘଣ୍ଟା

ମଧ୍ୟାହ୍ନ ଭୋଜନ ବିରତି ୪୦ ମିନିଟ୍

ପାଠପଢା ସମୟ ୬ ଘଣ୍ଟା - ୪୦ ମିନିଟ୍ = ୫ ଘଣ୍ଟା ୨୦ମିନିଟ୍

∴ ବିଦ୍ୟାଳୟରେ ୫ ଘଣ୍ଟା ୨୦ମିନିଟ୍ ପାଇଁ ପଢାକାର୍ଯ୍ୟ ହୁଏ ।

**ଦ୍ୱିତୀୟ ପ୍ରଣାଳୀ :**

ବିଦ୍ୟାଳୟ କାର୍ଯ୍ୟ ଶେଷ = ୪ pm ବା ୧୬ ଘଣ୍ଟା

ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ସମୟ = ୧୦ ବା ୧୦ ଘଣ୍ଟା

ବିଦ୍ୟାଳୟରେ ଖୋଲା ହେବା ସମୟ = ୬ ଘଣ୍ଟା

ମଧ୍ୟାହ୍ନ ଭୋଜନ ବିରତି = ୦.୪୦ ମି.

ପାଠପଢ଼ା ସମୟ = ୫ ଘ. ୨୦ ମି.

**ଜାଣି ରଖ-** ଘଣ୍ଟାର ସମୟକୁ ଘ. ୨.୩୦ ଭାବେ ଲେଖାଯାଏ, କିନ୍ତୁ କୌଣସି କାମ କରିବାର ଅବଧିକୁ (ସମୟର ପରିମାଣ) ୨ ଘ. ୩୦ମି. ଭାବରେ ଲେଖାଯାଏ ।



- ଦୁଇ ଜଣ ପିଲା ସେମାନଙ୍କର ବାପା, ମା' ସହିତ ନିଜ ନିଜର ଚିତ୍ର ଆଙ୍କିଥିଲେ । କବିରାଜ ବାବୁ ଓ ରମେଶ ବାବୁ ଦୁଇ ଭାଇ । ରମେଶ ବାବୁଙ୍କ ଝିଅର ନାମ ପାପାଲି ଓ କବିରାଜ ବାବୁଙ୍କ ପୁଅର ନାମ ଜିମି ।



ରମେଶ
ଜନ୍ମ ତାରିଖ:୩୧.୦୧.୧୯୭୮



ନମିତା
ଜନ୍ମ ତାରିଖ : ୩୦.୦୯.୧୯୮୪



ପାପାଲି
ଜନ୍ମ ତାରିଖ : ୧୦.୧୧.୨୦୦୬



କବିରାଜ
ଜନ୍ମ ତାରିଖ:୧୨.୧୨.୧୯୮୦



ରଶ୍ମିରେଖା
ଜନ୍ମ ତାରିଖ:୧୫.୦୬.୧୯୮୪



ଜିମି
ଜନ୍ମ ତାରିଖ : ୩୦.୧୧.୨୦୦୬

**ଲକ୍ଷ୍ୟକର,** ପ୍ରତ୍ୟେକଙ୍କର ଚିତ୍ର ତଳେ ତାଙ୍କର ନାମ ଓ ଜନ୍ମ ତାରିଖ ଲେଖାଯାଇଛି ।

ଚିତ୍ରଗୁଡ଼ିକୁ ଦେଖ ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ ।

- ପାପାଲି ଓ ଜିମି ମଧ୍ୟରେ କିଏ ବଡ଼ ? ______
- ପାପାଲି ଜିମିର କ'ଣ ହେବ ? ______
- କବିରାଜ ଓ ରମେଶ ମଧ୍ୟରେ ବୟସରେ କିଏ ବଡ଼ ? ______
- ନମିତା ଓ ରମେଶ ମଧ୍ୟରେ କାହାର ବୟସ ଅଧିକ ? ______
- ଜନ୍ମ ତାରିଖ ଦେଖି ୬ ଜଣଙ୍କୁ ନାମକୁ ବଡ଼ରୁ ସାନ କ୍ରମରେ ଲେଖ । ______

ଆସ ହିସାବ କହିବା,

- **ନମିତାଙ୍କର ବୟସ ଜିମିର ବୟସଠାରୁ କେତେ ଅଧିକ ?**

| | ବର୍ଷ | ମାସ | ଦିନ |
|---|---|---|---|
| ଜିମିର ଜନ୍ମତାରିଖ ୩୦.୧୧.୨୦୦୬ | ୨୦୦୬ | ୧୧ | ୩୦ |
| ନମିତାର ଜନ୍ମତାରିଖ ୩୦.୦୯.୧୯୮୪ | ୧୯୮୪ | ୦୯ | ୩୦ |
| କେତେ ବଡ | ୨୨ | ୦୨ | ୦୦ |

∴ ନମିତା, ଜିମିଠାରୁ ୨୨ ବର୍ଷ ୦୨ ମାସ ୦୦ ଦିନ ବଡ଼ ।

- କବିରାଜଙ୍କର ବୟସ ରମେଶଙ୍କ ବୟସଠାରୁ କେତେ କମ୍ ?

| | ବର୍ଷ | ମାସ | ଦିନ |
|---|---|---|---|
| କବିରାଜଙ୍କର ଜନ୍ମତାରିଖ | ୧୯୮୦ | ୧୨ | ୧୨ |
| ରମେଶଙ୍କର ଜନ୍ମତାରିଖ | ୧୯୭୮ | ୦୧ | ୩୧ |
| | ୨ | ୧୦ | ୧୧ |

ଏଠାରେ ୧୨ଦିନରୁ ୩୧ ଦିନ ବିୟୋଗ କରିବା ସମ୍ଭବ ନୁହେଁ । ତେଣୁ ପାଖ ଘରୁ (ମାସ ଘରୁ) ୧ ମାସ ଧାର ଆଣି ବର୍ତ୍ତମାନ ଦିନ ସଂଖ୍ୟା ହେବ ୧ ମାସ + ୧୨ ଦିନ ବା ୩୦ଦିନ + ୧୨ ଦିନ = ୪୨ ଦିନ ।

ବର୍ତ୍ତମାନ ୪୨ଦିନରୁ ୩୧ ଦିନ ବିୟୋଗ ସମ୍ଭବ ।

ମାସ ଘରୁ ୧ ମାସ ଧାର ଯାଇଛି ତେଣୁ ମାସ ଘରେ ରହିଲା ୧୨ - ୧ = ୧୧ମାସ

ଏହିପରି ଭାବରେ ବିୟୋଗ କରାଯାଏ ।



**ଜାଣି ରଖ –**

- ମାସ ଘରୁ ଦିନ ଘରକୁ ୧ ମାସ ଧାର ନେଲେ ଦିନ ଘରେ ୩୦ ଦିନ ବଢ଼ିଯାଏ ।
- ବର୍ଷ ଘରୁ ମାସ ଘରକୁ ୧ ବର୍ଷ ଧାର ନେଲେ ମାସ ଘରେ ୧୨ ମାସ ବଢ଼ିଯାଏ ।

- ତଳେ ଦୁଇଟି ଔଷଧ ବୋତଲର ଚିତ୍ର ଦିଆଯାଇଛି । ଔଷଧ କେବେ ତିଆରି ହେଲା ଓ କେବେ ପର୍ଯ୍ୟନ୍ତ ବ୍ୟବହାର ହୋଇପାରିବ ତାହା ବୋତଲ ଉପରେ ଲେଖାଯାଇଛି । ତାହାକୁ ଲକ୍ଷ୍ୟ କର ।




(ପ୍ରଥମ ବୋତଲ)




(ଦ୍ୱିତୀୟ ବୋତଲ)

ଏବେ କହ, ଜଣେ ଲୋକ ତା. ୩୦.୦୯.୨୦୧୦ରିଖ ଦିନ ଔଷଧ କିଣିବାକୁ ଦୋକାନକୁ ଗଲେ ଓ ଦୋକାନୀ ତାଙ୍କୁ ଦୁଇଟି ଔଷଧ ବୋତଲ ଦେଖାଇଲେ । ସେ କେଉଁଟିକୁ କିଣିବ ?

ପ୍ରତ୍ୟେକ ବୋତଲରେ ଦୁଇଟି ତାରିଖ ଲେଖାଯାଇଛି । ତାହା କ'ଣ ଜାଣିଛ କି ?

Mfg - date ବା Manufacture date ବା ତିଆରି ତାରିଖ ବା ପ୍ୟାକିଙ୍ଗ୍ ତାରିଖ,
ଏହାର ଅର୍ଥ : ଏହି ତାରିଖରେ ବୋତଲରେ ଔଷଧ ପ୍ୟାକିଙ୍ଗ୍ କରାଯାଇଛି ।

Exp - date ବା Expiry date ବା ସମାପ୍ତି ତାରିଖ,
ଏହାର ଅର୍ଥ : ଏହି ତାରିଖ ପରେ ଏହି ଔଷଧ ଖାଇବା ନିରାପଦ ନୁହେଁ ।

ଏଠାରେ ପ୍ରଥମ ଔଷଧ ବୋତଲରେ Mfg - date 08/08 ବା ଏହା ଅଗଷ୍ଟ ମାସ 2008 ମସିହାରେ ପ୍ୟାକିଙ୍ଗ୍ କରାଯାଇଛି ଓ ବ୍ୟବହାରର ଶେଷ ତାରିଖ 08/10 ବା ଅଗଷ୍ଟ ମାସ 2010 ମସିହା ।

- ଦ୍ୱିତୀୟ ଔଷଧ ବୋତଲ କେବେ ପ୍ୟାକିଙ୍ଗ କରାଯାଇଛି ଓ ଏହାର ବ୍ୟବହାରର ଶେଷ ତାରିଖ କେବେ ?
- ଡିସେମ୍ବର ୨୦ ତାରିଖ, ୨୦୧୦ରେ ଜଣେ ଏହି ଔଷଧ ବୋତଲଟିକୁ କିଣିବ କି ? କାହିଁକି ?

ସବିତା ତା ୧୮.୦୯.୨୦୧୦ ରିଖରେ ଲହୁଣୀ ଆଣିବାକୁ ଦୋକାନକୁ ଗଲା । ଲହୁଣୀ ପ୍ୟାକେଟ୍‌ରେ ଲେଖାଥିଲା:
Mfg date - 15.04.2010
Best before 6 months from the date of packing
ସବିତା ଲହୁଣୀ ପ୍ୟାକେଟ୍ କିଣିବା ଉଚିତ୍ କି ନାହିଁ ଲେଖ ।

ଜିନିଷ କିଣିଲା ବେଳେ ସେଥିରେ ଲେଖାଥିବା Mfg date ଓ Exp. date ଦେଖି ସ୍ଥିର କରିବା ଉଚିତ୍ ଜିନିଷଟି କିଣିବା ଯୋଗ୍ୟ କି ନୁହେଁ। କୌଣସି ଦ୍ରବ୍ୟ କିଣିବା ପୂର୍ବରୁ ତାହାର ସମାପ୍ତି ତାରିଖ, ଦର ଏବଂ ଓଜନ ଯାଞ୍ଚ କରନ୍ତୁ।

ଜାଗ ଗ୍ରାହକ ଜାଗ

## ଅଭ୍ୟାସ

୧. ଗୋଟିଏ ଚଳଚ୍ଚିତ୍ର ୩.୪୫ pm ରୁ ଆରମ୍ଭ ହୋଇ ୬.୧୫ pm ରେ ଶେଷ ହେଲା। ତେବେ ଚଳଚ୍ଚିତ୍ରଟି କେତେ ସମୟ ପାଇଁ ଚାଲିଲା ?

ଚଳଚ୍ଚିତ୍ର ଶେଷ ହେବା ସମୟ –

ଚଳଚ୍ଚିତ୍ର ଆରମ୍ଭ ହେବା ସମୟ –

ଚଳଚ୍ଚିତ୍ର ଚାଲିବା ସମୟ –

୨. ଗୋଟିଏ କ୍ରିକେଟ ମ୍ୟାଚ୍ ୬ଘଣ୍ଟା ୩୦ମିନିଟ୍ ଧରି ଚାଲିଲା। ଯଦି ଏହା ୯.୨୦ am ରେ ଆରମ୍ଭ ହୋଇଥାଏ ତେବେ ଏହା କେତେବେଳେ ଶେଷ ହେବ ?

୩. ଆମ ଗାଁ ଡାକ୍ତରଖାନା ସକାଳେ ୮ am ରୁ ୧୨.୩୦pm ପର୍ଯ୍ୟନ୍ତ ଓ ଉପରବେଳା ୨.୩୦ pm ରୁ ୫.୦୦pm ପର୍ଯ୍ୟନ୍ତ ଖୋଲା ହୁଏ। ତେବେ ଦିନରେ ମୋଟ କେତେ ସମୟ ପାଇଁ ଡାକ୍ତରଖାନା ଖୋଲାହୁଏ ?

୪. ବବିତା ଚାରି ଦିନରେ ଦୂରଦର୍ଶନ ଦେଖିବାର ଆରମ୍ଭ ସମୟ ଓ ଶେଷ ସମୟ ଘଣ୍ଟା ଚିତ୍ରରେ ଦର୍ଶାଯାଇଛି। ତା'କୁ ଦେଖି ସେ କେଉଁଦିନ କେତେ ସମୟ ଦୂରଦର୍ଶନ ଦେଖି ଥିଲେ ତାହା ସାରଣୀରେ ଥିବା 'ଦୂରଦର୍ଶନ ଦେଖିବା ସମୟ' ସ୍ତମ୍ଭରେ ଲେଖ।

| ଆରମ୍ଭ ସମୟ | ଶେଷ ସମୟ | ଦୂରଦର୍ଶନ ଦେଖିବା ସମୟ |
|---|---|---|
| ସୋମବାର  |  | |
| ମଙ୍ଗଳବାର  |  | |
| ବୁଧବାର  |  | |
| ଗୁରୁବାର  |  | |

୫. ତଳ ସାରଣୀରେ ଥିବା ଖାଲି ଘର ପୂରଣ କର ।

| କାର୍ଯ୍ୟ ଆରମ୍ଭ ସମୟ | କାର୍ଯ୍ୟ କରିବାର ଅବଧି | କାର୍ଯ୍ୟ ଶେଷ କରିବା ସମୟ |
|---|---|---|
| ୪.୧୫ am | ୧ ଘଣ୍ଟା ୩୦ ମିନିଟ୍ | |
| ୬.୩୦ pm | ୩ ଘଣ୍ଟା ୪୫ ମିନିଟ୍ | |
| | ୩ ଘଣ୍ଟା ୨୦ ମିନିଟ୍ | |
| | ୨ ଘଣ୍ଟା ୫୦ ମିନିଟ୍ | |
| ୯.୦୫ am | | ୨.୩୫ pm |
| ୧୦.୪୨ pm | | ୧.୧୭ am |
| ୮.୩୪ am | | ୧୨.୦୮ pm |

୬. ୨୦୧୧ ମସିହାରେ ତୁମ ବିଦ୍ୟାଳୟର ଛୁଟି ତାଲିକା ଦେଖି ଖାଲି ଘରେ ଉତ୍ତର ଲେଖ ।

| ଛୁଟିର ନାମ | ଆରମ୍ଭ ତାରିଖ | ଶେଷ ତାରିଖ | ମୋଟ ଦିନ ସଂଖ୍ୟା |
|---|---|---|---|
| ଗ୍ରୀଷ୍ମ ଛୁଟି | | | |
| ଦୁର୍ଗାପୂଜା ଛୁଟି | | | |
| ବଡ଼ଦିନ (ଧାନକଟା) ଛୁଟି | | | |







**ତୁମ ପାଇଁ କାମ**



- ତୁମର ଜନ୍ମତାରିଖ କେତେ ? ଏବେ ତୁମର ବୟସ କେତେ ?
- ତୁମ ସାଙ୍ଗମାନଙ୍କର ଜନ୍ମତାରିଖ ବୁଝି ଲେଖ । ତୁମଠାରୁ କିଏ କେତେଦିନ ବଡ଼ ?
- ତୁମ ଘରର ସମସ୍ତ ବ୍ୟକ୍ତିଙ୍କର ଜନ୍ମ ତାରିଖ ଟିପି ରଖ ଓ ତୁମଠାରୁ କିଏ କେତେ ବଡ଼ ବା ସାନ ଲେଖ ।